ସମ୍ବାଦ

୮ ଫେବୃୟାରୀ ୨୦୧୦

ସହରର ପ୍ଲସ୍

# ଶିକ୍ଷକମାନଙ୍କ ଭୂମିକା ଶୀର୍ଷକ କର୍ମଶାଳା

ଭୁବନେଶ୍ୱର,ତା୭।୨(ନି.ପ୍ର): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନ ବି-ସ୍କୁଲ ଅଫ ବିଜନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍‌ରେ 'ଉଚ୍ଚଶିକ୍ଷାରେ ଶିକ୍ଷକମାନଙ୍କ ଭୂମିକା' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଶୁଭାଶିଷ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସଚିବ ମଧୁସୂଦନ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷାରେ ଗବେଷଣାଭିତ୍ତିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି ଏବଂ ଏହାକୁ ପୂରଣ କରିବା ପାଇଁ ଶିକ୍ଷକଙ୍କ ମଧ୍ୟ ଆବଶ୍ୟକତା ରହିଛି । ଆବଶ୍ୟକତା ଅନୁଯାୟୀ ଉତ୍ତମ ଶିକ୍ଷକ ଆମ ପାଖରେ ନ ଥିବାରୁ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ କମୁଛି ବୋଲି କହିଥିଲେ । ମୁଖ୍ୟବକ୍ତା ତଥା ଓୟୁଏଟିର କୁଳପତି ପ୍ରଫେସର ଡି.ପି. ରାୟ ପରିବର୍ତ୍ତନ ସହିତ ଶିକ୍ଷକମାନେ କିଭଳି ଖାପଖୁଆଇ ଚଳିବେ ସେ ଦିଗ ପ୍ରତି ଧ୍ୟାନ ଦେବାପାଇଁ ପରାମର୍ଶ ଦେଇଥିଲେ । ଶିକ୍ଷକମାନେ ସବୁବେଳେ ନୂଆ କିଛି କରିବା ସହ ସେ ସମ୍ପର୍କରେ ଛାତ୍ରମାନଙ୍କୁ ଅବଗତ କରିବା ଉଚିତ୍ ବୋଲି ସେ ମତ ଦେଇଥିଲେ । ସମ୍ମାନିତ ଅତିଥି ସ୍ୱତନ୍ତ୍ର ରିଲିଫ କମିଶନର ନିକୁଞ୍ଜକିଶୋର ସୁନ୍ଦରାୟ ଶିକ୍ଷକମାନଙ୍କ ଚୟନ ଓ ମୂଲ୍ୟାଙ୍କନ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ସମ୍ମାନିତ ପଦ୍ମଭୂଷଣ ପ୍ରଫେସର ତ୍ରିଲୋଚନ ପ୍ରଧାନ ଆମ ଶିକ୍ଷାକୁ ଏକ ଜଟିଳ ପ୍ରଥା ଭାବେ ବିବେଚନା କରିଥିଲେ । ପ୍ରତ୍ୟେକ ଶିକ୍ଷକ ଜଣେ ଜଣେ ଆଦର୍ଶ ପୁରୁଷ ହେବା ସହିତ ସମାଜସେବା କରିବା ପାଇଁ ନିଜ ଭିତରେ ଚିନ୍ତାଧାରା ସୃଷ୍ଟି କରିବାକୁ କହିଥିଲେ । ଏହି କର୍ମଶାଳାରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ । କର୍ମଶାଳାକୁ ଡ. କଲ୍ୟାଣକୁମାର ସାହୁ ପରିଚାଳନା କରିଥିଲେ ।